# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**8 July - 2024**

**News Editor : Tapan Kumar Maharana**

*******************************

## ମୁଖ୍ୟ ସମ୍ବାଦ

- ଉଦୟଗିରି ଗୁମ୍ଫା ପରିଦର୍ଶନ କରି ଏ.ଏସ୍.ଆଇ. ଅଧିକାରୀଙ୍କ ସହ ଆଲୋଚନା କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ
- ସରକାରୀ ଜମି ଦଖଲକାରୀଙ୍କୁ ହଟାଇବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ
- ନିଟ୍-ୟୁଜି ପ୍ରବେଶିକା ପରୀକ୍ଷା ସଂକ୍ରାନ୍ତ ସମସ୍ତ ଆବେଦନର ଆଜି ଶୁଣାଣି କରିବେ ସୁପ୍ରିମକୋର୍ଟ
- ତାଳଧ୍ୱଜ ଏବଂ ଦର୍ପଦଳନ ରଥ ପହଁଞ୍ଚିଲା ଶ୍ରୀଗୁଣ୍ଡିଚା ମନ୍ଦିରରେ

ଏବଂ

- ରାଜ୍ୟର ଦୁଇ ଅଲିମ୍ପିକ୍ସ ପ୍ରତିଯୋଗୀଙ୍କ ପାଇଁ ପ୍ରୋତ୍ସାହନ ରାଶି ଘୋଷଣା କଲେ ରାଜ୍ୟ ସରକାର

***Pool***

## ରାଷ୍ଟ୍ରପତିଙ୍କ ଉଦୟଗିରି ପରିଦର୍ଶନ

ଚାରିଦିନିଆ ଓଡ଼ିଶା ଗସ୍ତରେ ଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଐତିହାସିକ ଉଦୟଗିରି ଗୁମ୍ଫା ପରିଦର୍ଶନ କରିଛନ୍ତି । ପରିଦର୍ଶନ ସମୟରେ ରାଷ୍ଟ୍ରପତି ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା-ଏ.ଏସ୍.ଆଇର ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ ।

ରାଷ୍ଟ୍ରପତି ଆଜି ବିଭୂତି କାନୁନଗୋ କଲେଜ ଅଫ୍ ଆର୍ଟ ଆଣ୍ଡ କ୍ରାଫ୍ଟସ ଏବଂ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପରିଦର୍ଶନ କରି ଛାତ୍ରଛାତ୍ରୀମାନଙ୍କ ସହ ଭାବବିନିମୟ କରିବେ । ପରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଭୁବନେଶ୍ୱର ନିକଟ ହରିଡ଼ାମଦାଠାରେ ବ୍ରହ୍ମକୁମାରୀଙ୍କ ଡିଭାଇନ୍ ରିଟ୍ରିଟ୍ କେନ୍ଦ୍ର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ଏଥିରେ ରାଷ୍ଟ୍ରପତି 'ଲାଇଫ୍ ଷ୍ଟାଇଲ୍ ଫର ସଷ୍ଟେନାବିଲିଟି' ଅଭିଯାନର ଶୁଭାରମ୍ଭ କରିବେ ।

***Desk***

## ରାଷ୍ଟ୍ରପତି- ପୁରୀ ସମୁଦ୍ର ବେଳା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ପୃଥିବୀରେ ଏପରି ଅନେକ ସ୍ଥାନ ରହିଛି, ଯାହା ସଂସ୍ପର୍ଶରେ ଆସିଲେ ଜୀବନର ବାସ୍ତବ ଅର୍ଥ ବୁଝିହୁଏ । ଗତକାଲି ପୁରୀରେ ଶ୍ରୀଜୀଉଙ୍କୁ ଦର୍ଶନ କରିବା ପରେ ଆଜି ସକାଳେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ପୁରୀ ସମୁଦ୍ର ବେଳାଭୂମିରେ କିଛି ସମୟ ଅତିବାହିତ

କରିଥିଲେ। ନିଜ ଅନୁଭୂତିକୁ ପ୍ରକାଶ କରି ରାଷ୍ଟ୍ରପତି କହିଛନ୍ତି, ବଣ-ପାହାଡ଼, ନଦ-ନଦୀ ଓ ସାଗରବେଳାର ସମାହାରରେ ଗଠିତ ପ୍ରକୃତିର ଆମେ ଅଂଶବିଶେଷ। ଦୈନନ୍ଦୀନ ଜୀବନର ଧାଁ ଦଉଡ଼ ଭିତରେ ମଣିଷ ପ୍ରକୃତିଠାରୁ ଦୂରେଇ ଯାଇ ନିଜର ସାମୟିକ ସୁଖ ପାଇଁ ପ୍ରକୃତିକୁ ଶୋଷଣ କରିଚାଲିଛି ବୋଲି ରାଷ୍ଟ୍ରପତି କହିଛନ୍ତି। ସେ କହିଛନ୍ତି, ଚଳିତ ଗ୍ରୀଷ୍ମ ଋତୁରେ ଭାରତର ଅନେକ ସ୍ଥାନରେ ଭୟଙ୍କର ଗ୍ରୀଷ୍ମ ପ୍ରବାହ ଅନୁଭୂତ ହୋଇଥିଲା। ବିଗତ କିଛି ବର୍ଷ ହେବ ପୃଥିବୀରେ ପାଣିପାଗ ଜନିତ ଘଟଣା ସବୁ ଚରମ ସ୍ତରରେ ପହଁଞ୍ଚିଛି ଏବଂ ଏ ସବୁ ଘଟଣା ଅଧିକରୁ ଅଧିକ ଘଟିବାରେ ଲାଗିଛି। ରାଷ୍ଟ୍ରପତି କହିଛନ୍ତି, ପରିବେଶ ସୁରକ୍ଷା ଓ ସଂରକ୍ଷଣ ଜନିତ ଆହ୍ୱାନ ଗୁଡ଼ିକର ମୁକାବିଲା ପାଇଁ ସରକାର, ଆନ୍ତର୍ଜାତିକ ସଂଗଠନ ଏବଂ ନାଗରିକମାନେ ଉଦ୍ୟମ କରିବା ଆବଶ୍ୟକ। ଏକ ସୁରକ୍ଷିତ ଭବିଷ୍ୟତ ପାଇଁ ବ୍ୟକ୍ତିଗତ ଭାବରେ ସମସ୍ତେ ଯଥାସାଧ୍ୟ ଉଦ୍ୟମ କରିବା ପାଇଁ ରାଷ୍ଟ୍ରପତି ଆହ୍ୱାନ ଦେଇଛନ୍ତି।

***BBSR***

## ମୁଖ୍ୟମନ୍ତ୍ରୀ- ଜମିଜବର ଦଖଲ

ରାଜ୍ୟରେ ସରକାରୀ ଜମିରୁ ବେଆଇନ ଦଖଲ ହଟାଇବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମସ୍ତ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ବେଆଇନ ଭାବେ ସରକାରୀ ଜମି ଦଖଲ କରୁଥିଲେ, ତାହା ତୁରନ୍ତ ଦଖଲମୁକ୍ତ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ସରକାରୀ ଜମିଗୁଡ଼ିକ ବିକାଶ ଏବଂ ଜନକଲ୍ୟାଣ କାର୍ଯ୍ୟ ନିମନ୍ତେ

ବ୍ୟବହାର ହେବା ପାଇଁ ଉଦ୍ଦିଷ୍ଟ। ଜବରଦଖଲ ଯୋଗୁଁ ବିକାଶ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବାରୁ ଏହାକୁ ହଟାଇବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ଜବରଦଖଲ ହଟିବା ପରେ ସରକାରୀ ଜମି ଚାରିପଟେ ବାଡ଼ ଦିଆଯିବା ସହ ସାଇନବୋର୍ଡ ଲଗାଇବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

***Desk***

## ନିଟ୍ ୟୁଜି– ସୁପ୍ରିମକୋର୍ଟ

ସର୍ବୋଚ୍ଚ ନ୍ୟାୟାଳୟ ଆଜି ନିଟ୍- ୟୁଜି ପ୍ରବେଶିକା ପରୀକ୍ଷା ଅନିୟମିତତା ନେଇ ହୋଇଥିବା ଆବେଦନ ଗୁଡ଼ିକର ଏକତ୍ର ଶୁଣାଣି କରିବେ। ଏଥିରେ ପୁର୍ନବାର ନିଟ୍-ୟୁଜି ପ୍ରବେଶିକା ପରୀକ୍ଷା କରାଇବା ଲାଗି ହୋଇଥିବା ଆବେଦନର ଶୁଣାଣି ହେବ। ପ୍ରଧାନ ବିଚାରପତି ଜଷ୍ଟିସ ଡି.ଓ୍ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ ଜେ.ବି.ପାର୍ଦିଓ୍ୱାଲା ଏବଂ ଜଷ୍ଟିସ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସମ୍ପର୍କିତ ସମସ୍ତ ୩୮ଟି ଯାଚ ଆବେଦନର ଶୁଣାଣି କରିବେ।

ପୂର୍ବରୁ କେନ୍ଦ୍ର ସରକାର ଏବଂ ଜତୀୟ ପରୀକ୍ଷଣ ସଂସ୍ଥା ଏନ୍.ଟି.ଏ ପକ୍ଷରୁ ସୁପ୍ରିମକୋର୍ଟରେ ସତ୍ୟପାଠ ଜରିଆରେ ପୁର୍ନବାର ନିଟ୍ ପରୀକ୍ଷା କରାଇବାର ଆବଶ୍ୟକତା ନ ଥିବା ଜଣାଇ ସାରିଛନ୍ତି। ସତ୍ୟପାଠରେ କେନ୍ଦ୍ର ସରକାର କହିଛନ୍ତି, ପୁର୍ନବାର ପରୀକ୍ଷା ହେଲେ ଏହା ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଜୀବନ ଉପରେ ପ୍ରତିକୂଳ ପ୍ରଭାବ ପକାଇବ।

***HS***

## ଓଜେଇଇ କାଉନସେଲିଂ ଆରମ୍ଭ

ରାଜ୍ୟରେ ଥିବା ସରକାରୀ ଏବଂ ବେସରକାରୀ ଇଞ୍ଜିନିୟରିଂ ମହାବିଦ୍ୟାଳୟ ଓ ଘରୋଇ ବିଶ୍ୱବିଦ୍ୟାଳୟରେ ବୈଷୟିକ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଓଜେଇଇ କାଉନସେଲିଂ ଆରମ୍ଭ ହୋଇଛି। ଛାତ୍ରଛାତ୍ରୀମାନେ ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା ୱେବସାଇଟ୍‌ରେ ଲଗ୍ ଇନ୍ କରି ପଞ୍ଜୀକରଣ କରିବା ସହ କାଉନସେଲିଂ ସମ୍ପର୍କିତ ବିସ୍ତୃତ ତଥ୍ୟ ପାଇପାରିବେ। ବିଭିନ୍ନ ପାଠ୍ୟକ୍ରମ ପାଇଁ ଅଗଷ୍ଟ ୧୭ ପର୍ଯ୍ୟନ୍ତ ତିନୋଟି ପର୍ଯ୍ୟାୟରେ ନାମଲେଖା ହେବ ବୋଲି ଓଜେଇଇ ପକ୍ଷରୁ କୁହାଯାଇଛି।

***HS***

## ଧର୍ମେନ୍ଦ୍ର ପ୍ରଧାନଙ୍କ ସାକ୍ଷାତ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ପୁରୀରେ ଜଗତ୍‌ଗୁରୁ ରାମାନନ୍ଦଚାର୍ଯ୍ୟ ଶ୍ରୀସ୍ୱାମୀ ରାମଭଦ୍ରାଚାର୍ଯ୍ୟଙ୍କୁ ସାକ୍ଷାତ କରିଛନ୍ତି। ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ସ୍ୱାମୀ ରାମଭଦ୍ରାଚାର୍ଯ୍ୟ ଜଣେ ଆଧ୍ୟାତ୍ମିକ ଗୁରୁ ଓ ସମାଜ ସଂସ୍କାରକ। ତାଙ୍କର ମାର୍ଗଦର୍ଶନ ଆମ ସମାଜ ପାଇଁ ସର୍ବଦା ପାଥେୟ ହେଉ ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।

***Puri***

## ପୁରୀ-ରଥଯାତ୍ରା

ପୁରୀ ଶ୍ରୀକ୍ଷେତ୍ରରେ ଶ୍ରୀଜୀଉଙ୍କର ରଥଟଣା ଆଜି ସକାଳୁ ପୁଣିଥରେ ଆରମ୍ଭ ହୋଇଥିଲା। ବଡ଼ ଠାକୁରଙ୍କର ତାଳଧ୍ୱଜ ରଥ ଏବଂ ଦେବୀ

ଶୁଭଦ୍ରାଙ୍କ ଦେବଦଳନ ରଥ ଗୁଣ୍ଡିଚା ମନ୍ଦିରରେ ପହଁଞ୍ଚିସାରିଛି। ଶ୍ରଦ୍ଧାଳୁମାନେ ମହାପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥକୁ ଟାଣି ଟାଣି ଗୁଣ୍ଡିଚା ମନ୍ଦିର ଆଡ଼କୁ ନେଉଛନ୍ତି। ଗୁଳୁଗୁଳି ଏବଂ ଖରା ପାଗ ସତ୍ତ୍ୱେ ଶ୍ରଦ୍ଧାଳୁଙ୍କର ଭିଡ଼ ପରିଲକ୍ଷିତ ହୋଇଛି। ଏ ସମ୍ପର୍କରେ ଆମ ପୁରୀ ସମ୍ବାଦଦାତା ସୌମିତ୍ର ହରିଚନ୍ଦନ କହିଛନ୍ତି...

**- V/O –**

***DHNKL/Baragarh***

## ବରଗଡ଼ ଓ ଢେଙ୍କାନାଳ – ରଥଯାତ୍ରା

ପଶ୍ଚିମ ଓଡ଼ିଶାର ଶ୍ରୀକ୍ଷେତ୍ରଭାବେ ପରିଚିତ ବରଗଡ଼ ଜିଲ୍ଲା ଭଟ୍ଲି ସ୍ଥିତ ମହାପ୍ରଭୁ ଦଧିବାମନଙ୍କୁ ମାଉସୀମା ମନ୍ଦିରକୁ ବିଜେ କରାଯାଇଛି। ପ୍ରଭୁ ଦଧିବାମନ ୭ ଦିନ ପର୍ଯ୍ୟନ୍ତ ମାଉସୀମା ମନ୍ଦିରରେ ଅବସ୍ଥାନ କରିବେ। ଗତକାଲି ରାତି ୯ଟାରେ ଦଧିବାମନଙ୍କ ରଥ ମାଉସୀମା ମନ୍ଦିର ସମ୍ମୁଖରେ ପହଁଞ୍ଚିଥିଲା।

ଢେଙ୍କାନାଳ ଜିଲ୍ଲାରେ ଅନୁଷ୍ଠିତ ରଥଯାତ୍ରାରେ ଆଜି ଦୁଇରଥକୁ ମାଉସୀମା ମନ୍ଦିର ନିକଟରେ ପହଁଞ୍ଚାଯାଇଛି। ଗତକାଲି ସନ୍ଧ୍ୟା ଯୋଗୁଁ ନିର୍ଦ୍ଧାରିତ ସମୟରେ ଦୁଇରଥ ମାଉସୀମା ମନ୍ଦିର ନିକଟରେ ପହଁଞ୍ଚିପାରି ନ ଥିଲା। ଆଜି ଜିଲ୍ଲା ପ୍ରଶାସନ, ପୁଲିସ ଏବଂ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ପୁର୍ନବାର ଦୁଇରଥକୁ ଟଣାଯାଇ ମାଉସୀମା ମନ୍ଦିର ନିକଟକୁ ନିଆଯାଇଛି। ଆଜି

ସନ୍ଧ୍ୟାରେ ଠାକୁରଙ୍କୁ ପହଣ୍ଡି କରି ନିଆଯିବ ବୋଲି ଦେବତ୍ତୋର ବିଭାଗ ପକ୍ଷରୁ ସୂଚନା ମିଳିଛି।

***Nuapada***

## ରକ୍ତଶିକୁଳି ରୋଗୀ ଚିହ୍ନଟ

ନୂଆପଡ଼ା ଜିଲ୍ଲାରେ ୧ ହଜାର ୪୫୨ ଜଣଙ୍କର ରକ୍ତଶିକୁଳି ରୋଗ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ଗତ ଜୁନ୍ ୧୯ ତାରିଖରୁ ଚଳିତ ମାସ ୩ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ୫ଟି ବ୍ଲକ ଓ ୩ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ସହ ୧୩୧ଟି ଗ୍ରାମପଞ୍ଚାୟତର ୬୫୪ଟି ଗ୍ରାମରେ ରକ୍ତଶିକୁଳି ରୋଗ ନେଇ ସଚେତନତା ସୃଷ୍ଟି କରାଯାଇଥିଲା। ଏ ପର୍ଯ୍ୟନ୍ତ ୪୩ ହଜାର ଲୋକଙ୍କର ରକ୍ତ ନମୂନା ପରୀକ୍ଷା କରାଯାଇଥିବା ଜିଲ୍ଲା ଅତିରିକ୍ତ ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଗୁରୁ ପ୍ରସାଦ ଜେନା କହିଛନ୍ତି।

***Kalahandi***

## କଳାହାଣ୍ଡି– ସମ୍ପୂର୍ଣ୍ଣତା ଅଭିଯାନ

ଆକାଂକ୍ଷୀ ଜିଲ୍ଲା ଭାବରେ କଳାହାଣ୍ଡି ଜିଲ୍ଲାରେ ସମ୍ପୂର୍ଣ୍ଣତା ଅଭିଯାନ ଆରମ୍ଭ ହୋଇଛି। ଏହି ଅବସରରେ ଆଜି ଏକ ଗଣଦୌଡ଼ ଆୟୋଜିତ ହୋଇଥିଲା। କଳାହାଣ୍ଡି ସାଂସଦ ମାଳବିକା କେଶରୀ ଦେଓ ଏହି ଗଣଦୌଡ଼କୁ ଉଦ୍‌ଘାଟନ କରିଥିଲେ। ଆୟୋଜିତ ଉତ୍ସବରେ ସାଂସଦ ମାଳବିକା କେଶରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କଳାହାଣ୍ଡି ଜିଲ୍ଲାକୁ ଆକାଂକ୍ଷୀ ଜିଲ୍ଲା ରୂପେ ଗଢ଼ିତୋଳିବା ପାଇଁ ସମସ୍ତଙ୍କ ଉଦ୍ୟମ ପରିଶ୍ରମ ଆବଶ୍ୟକ ବୋଲି କହିଥିଲେ। ଏଥିରେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ

ଦିଶାରୀ, ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ସଞ୍ଜୟ ଶତପଥୀ, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପନିର୍ଦ୍ଦେଶକ ଶ୍ରୀକାନ୍ତ ଦଳେଇ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଗଣଦୌଡ଼ରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

***BBSR***

## ଅଲିମ୍ପିକ୍ସ ପ୍ରୋତ୍ସାହନ ରାଶି

ଆଗାମୀ ଅଲିମ୍ପିକ୍ସରେ ଜାଭେଲିନ୍ ଥ୍ରୋ’ରେ ଭାରତର ପ୍ରତିନିଧିତ୍ୱ କରିବାକୁ ଯୋଗ୍ୟତା ଅର୍ଜନ କରିଥିବା ଓଡ଼ିଶାର  କିଶୋର ଜେନା ଏବଂ ଅମିତ ରୋହିଦାସଙ୍କୁ ରାଜ୍ୟ ସରକାର ପ୍ରୋତ୍ସାହନ ରାଶି ଯୋଗାଇ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଭୟଙ୍କ ପାଇଁ ୧୫ ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ୟାରିସ୍ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଉଭୟ ଖେଳାଳି ନିଜର ଜନ୍ମମାଟି ସମେତ ଓଡ଼ିଶାକୁ ଗୌରବାନ୍ୱିତ କରିଛନ୍ତି। ସେମାନଙ୍କର ଅଦମ୍ୟ ଇଚ୍ଛାଶକ୍ତି, କଠିନ ପରିଶ୍ରମ, ନିଷ୍ଠା ଏବଂ ଅଧ୍ୟବସାୟ ରାଜ୍ୟର ଯୁବ ପ୍ରତିଭାମାନଙ୍କୁ ପ୍ରେରଣା ଯୋଗାଇ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

ଅନ୍ୟପକ୍ଷରେ ରାଜ୍ୟର କ୍ରୀଡ଼ାବିତମାନଙ୍କ ସର୍ବାଙ୍ଗୀନ ବିକାଶ ଏବଂ ସେମାନଙ୍କ ସ୍ୱପ୍ନକୁ ସାକାର କରିବା ଲାଗି ରାଜ୍ୟ ସରକାର ଆବଶ୍ୟକ

ଭିତ୍ତିଭୂମି, ଆର୍ଥିକ ସହାୟତା ଏବଂ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

*********************************